# ଜୈବିକ 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ

- କମ୍ ଖର୍ଚ୍ଚରେ ଅଧିକ ଅମଳ ପାଇବା ପାଇଁ 'ଶ୍ରୀ' ପ୍ରଣାଳୀ ଧାନ ଚାଷ ସବୁଠୁ ଭଲ ଉପାୟ ଅଟେ ।
- 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ ପାଇଁ ମଧ୍ୟମ ସମତଳ ଜମି ବାଛିବା ।
- ଭଲ ଫସଲ ପାଇବା ନିମନ୍ତେ ଫସଲର ୪୦-୪୫ ଦିନ ପୂର୍ବରୁ ଏକର ପ୍ରତି ୮-୧୦ କେଜି ଧନିଚା ଅଥବା ଛଣି ବୁଣିବା ।
- 'ଶ୍ରୀ' ପ୍ରଣାଳୀରେ ଧାନ ଚାଷ ପାଇଁ ଏକରକୁ ମାତ୍ର ୨ କେଜି ବିହନ ଦରକାର । ଯେକୌଣସି ବିହନକୁ 'ଶ୍ରୀ' ପ୍ରଣାଳୀରେ ବ୍ୟବହାର କରିପାରିବା ।
- ଧାନ ବିହନକୁ ବିଶୋଧନ କରି ତଳି ପକାଇବା ।
- ବାଇଗଣ, ମରିଚ ଆଦି ପରିବା ତଳି ପକାଇବା ଭଳି ବେଡ୍ କରି ଧାନ ବିହନକୁ ତଳି ପକାଇବା ।
- ଶେଷ ଓଡ ଚାଷବେଳେ ବା ଜମି କାଦି କଲାବେଳେ ଏକର ପ୍ରତି ୫୦କେଜି ଜିଆଖତ ଓ ୩୦ କେଜି ନିମପିଡିଆ ଦେବା ।
- ଧାନ ତଳି ରୋଇବା ପାଇଁ ଲୁହା/ବାଉଁଶ/କାଠ କିମ୍ବା ଦଉଡି ମାର୍କର ସାହାଯ୍ୟରେ ତଳି ରୋଇବା ପାଇଁ ଜମିରେ ଚିହ୍ନ ଦେବା ।
- ୮ ରୁ ୧୨ ଦିନର ତଳି (ଦୁଇ ପତ୍ର ଅବସ୍ଥାରେ)କୁ ଗଛକୁ ଗଛ ୧୦ ଇଞ୍ଚ ବ୍ୟବଧାନରେ ଗୋଟିଏ ଗୋଟିଏ କରି ରୋଇବା ।
- ତଳି ରୋଇବାର ୧୦,୨୦,୩୦ ଓ ୪୦ ଦିନରେ ଥରେ ଲେଖାଏଁ ଘାସ ବାଛିବା ଯନ୍ତ୍ରଦ୍ୱାରା ଘାସ ବାଛିବା ।
- ଘାସ ବାଛିବା ପୂର୍ବ ଦିନ ଜମିରେ ପାଣିକୁ ବନ୍ଧେଇ ରଖିବା, ଘାସ ବଛା ହେବା ପରଦିନ ଜମିରୁ ପାଣି କାଢିବା ।
- ଧାନ ଗଛକୁ ସୁସ୍ଥ ସବଳ ରଖିବା ଓ ନିରୋଗ ରଖିବା ପାଇଁ ପ୍ରତି ୧୦ ଦିନରେ ଥରେ ହାଣ୍ଡି ଖତ/ଜୀବାମୃତ/ତରଳସାର ପ୍ରୟୋଗ କରିବା ।
- ଗୋବର ଖତର ବ୍ୟବହାର ମଧ୍ୟ ଧାନ ଫସଲ ପାଇଁ ଉତ୍ତମ ।
- ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ପ୍ରତି ୮ ଦିନରେ ଥରେ ରସୁଣ କିରାସିନି ପେଷ୍ଟଜମିରେ ସ୍ପ୍ରେ କରିବା ।
- ଜମିରେ ଅଧିକ ପାଣି ନରଖି କେବେଳ ଜମିକୁ ସନ୍ତସନ୍ତିଆ ରଖିବା । ଜମିରେ ପାଣି ଭରିହୋଇ ରହିଲେ ପିଲ ସଂଖ୍ୟା କମିଯାଏ ଏବଂ ଅଧିକ ରୋଗ ପୋକ ହେବାର ଆଶଙ୍କା ଥାଏ ।
- ଦରକାର ବେଳେ ଜମିକୁ ପାଣି ଯୋଗାଇବା ଓ ପାଣି କାଟିବା ପାଇଁ କିଆରୀର ମଝିରେ ମଝିରେ ପାଣୀନାଳ ରଖିବା ।
- ଧାନ ପୁଡା ବାନ୍ଧିବା ସମୟଠାରୁ ପାଚିବା ପର୍ଯ୍ୟନ୍ତ ଧାନ ଫସଲ ଅଧିକ ପାଣି ଦରକାର କରେ । ତେଣୁ ଏହି ସମୟରେ ଜମିରେ ଅଳ୍ପ ପାଣି ଜମାକରି ରଖିଲେ ଭଲ ।
- ଏକର ପ୍ରତି ଅମଳ ଜାଣିବା ପାଇଁ କ୍ରପ୍ କଟିଙ୍ଗ୍ କରି, ପୂର୍ବ ଅମଳ ସହ ତୁଳଣା କରିବା ।